## ସଂକ୍ଷେପରେ

### ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା
## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୂର୍ଯ୍ୟାସ୍ନାତା ଜିଲା ଟପ୍ପର



କୋରୁକୋଣ୍ଡା, ୨୩।୧ (ଶିବଦତ୍ତ ସାହୁ)

ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସୂର୍ଯ୍ୟାସ୍ନାତା ଖଣ୍ଡୁଆଳ ଜାତୀୟ ଗ୍ରାମୀଣ ମେଧାବୃତ୍ତି(ଏନ୍ଆର୍ଟିଏସ୍) ପରୀକ୍ଷାରେ ସର୍ବୋଚ୍ଚ(୭୩%)ନମ୍ବର ରଖି ଜିଲା ଟପ୍ପର ହେବା ସହ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ପରୀକ୍ଷାରେ ପ୍ରତି ବ୍ଲକ୍‌ରୁ ୧୦ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ବାଲିମେଳା ସରସ୍ୱତୀ ଶିଶୁ ମନ୍ଦିରରୁ ହିଁ ୭ ଛାତ୍ରୀଛାତ୍ର ଏହି ସଫଳତା ହାସଲ କରିଛନ୍ତି। ସୂର୍ଯ୍ୟାସ୍ନାତା ବର୍ତ୍ତମାନ ନବମ ଶ୍ରେଣୀରେ ପଢୁଛନ୍ତି। ଶିକ୍ଷକ ଦମ୍ପତି ମନୋଜ କୁମାର ଖଣ୍ଡୁଆଳ ଏବଂ ସରସ୍ୱତୀ ପରିଡ଼ାଙ୍କ ଝିଅ ସୂର୍ଯ୍ୟାସ୍ନାତା ପୂର୍ବରୁ ତୃତୀୟ, ପଞ୍ଚମ ଶ୍ରେଣୀରେ ବୃତ୍ତି ପରୀକ୍ଷା ଏବଂ ୬ଷ୍ଠ ଶ୍ରେଣୀରେ ପଠାଣି ସାମନ୍ତ ମେଧାବୃତ୍ତି(ଗଣିତ)ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ରାଜ୍ୟ ଶିକ୍ଷା ବିକାଶ ସମିତି ପକ୍ଷରୁ ଆୟୋଜିତ ବିଭିନ୍ନ ପରୀକ୍ଷାରେ ମଧ୍ୟ ସେ ତାଙ୍କର ପାରଦର୍ଶିତା ଦେଖାଇଛନ୍ତ। ସେ ତାଙ୍କ ସଫଳତାର ଶ୍ରେୟ ବାପାମାଆଙ୍କ ସହ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଏବଂ ଗୁରୁଜୀ ଗୁରୁମାଙ୍କୁ ଦେଇଛନ୍ତି।

## ନେତାଜୀ ଜୟନ୍ତୀ ପାଳିତ

ଚନ୍ଦ୍ରପୁର, ୨୩।୧ (ବିଜୟପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ସଦର ମହକୁମାରେ ଥିବା ଏସ୍ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ର ଯୋଗଦେଇ ପ୍ରଥମେ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇଥିଲେ। ୭ ରୁ ୮ଜଣ ଛାତ୍ର ନେତାଜୀଙ୍କ ଜୀବନୀ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ। ପରେ ବିଦ୍ୟାଳୟର ଶିକ୍ଷକମାନେ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କରେ ନିଜ ନିଜର ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗଙ୍କ ସମେତ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ଡାଙ୍ଗସୋରଡ଼ା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ଅପର ପ୍ରାଇମେରି ବିଦ୍ୟାଳୟରେ ମଧ୍ୟ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଶବର, ସହକାରୀ ଶିକ୍ଷକ କୈଳାସ ଶବର, ମଣିମାଳା କାଡ୍ରାକା, ବୁଧେଶ୍ୱତା ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

କୋରୁକୋଣ୍ଡା, ୨୩।୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ସଦରଠାରୁ ବାଲିମେଳା ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ତଥା କୋରୁକୋଣ୍ଡା ପୋଲପାର୍ଶ୍ୱରେ ଥିବା ଲୁହା ସୁରକ୍ଷା ବାଡରେ ବାଇକ୍ ଧକ୍କା ଦେବା ଯୋଗୁ ଜଣେ ଆରୋହୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ଆମ୍ବୁଲାନ୍ସକୁ ଖବର ଦେଇ ଉକ୍ତ ବ୍ୟକ୍ତିଙ୍କୁ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଯୁବକ ଜଣକ ହେଲେ ପୋଟ୍ରେଲ ପଞ୍ଚାୟତ ସଦରର ଇର୍ମା ମାଢ଼ି। ସେ କୌଣସି କାମରେ କୋରୁକୋଣ୍ଡାକୁ ଆସୁଥିବା ବେଳେ ବ୍ରିଜ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ।।

# ଯିଏ ସ୍ନେହ, ପ୍ରେମ ଜାଣେ ନାହିଁ, ସେ ଅମଣିଷ: ଏମ୍‌ପି ମାଝୀ

ମାଲକାନଗିରି, ୨୩।୧ (ଦୁର୍ଯ୍ୟୋଧନ ପାତ୍ର)



ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଓ ଅନ୍ୟ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

ମାଲକାନଗିରି ଜିଲା ଘଡାଇ ଆବାସିକ ବିଜ୍ଞାନ ମହାବିଦ୍ୟାଳୟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଘଡେଇଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ସମ୍ମାନୀତ ଅତିଥି ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏନ୍. ଜଗନ୍ନାଥ ରାଓ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଘଡେଇ ଆବାସିକ ମହାବିଦ୍ୟାଳୟର ଯୁକ୍ତ ୨ ଅଧ୍ୟକ୍ଷ ସତ୍ୟବ୍ରତ ସାମଲ ଓ ଯୁକ୍ତ ୩ ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଏମ୍‌ପି ମାଝୀ କରିଥିଲେ ଯେ, ଯିଏ ସ୍ନେହ ଓ ପ୍ରେମ ଜାଣିନାହିଁ, ସେ ଜଣେ ଅମଣିଷ। ଛାତ୍ରୀଛାତ୍ରଙ୍କୁ ଏକ ପ୍ରଶ୍ନ ପଚାରି କିଏ ପ୍ରେମ କରୁଛ ବୋଲି ହାତ ଟେକିବା ପାଇଁ କହିଥିଲେ । କେହି ହାତ ଟେକି ନ ଥିଲେ। ଏହି ପ୍ରଶ୍ନର ଉତ୍ତରରେ ମାଝୀ କହିଥିଲେ, ତୁମେ ତୁମର ବାପା, ମା, ଭାଇ, ଭଉଣୀ, ଗୁରୁଜୀ, ଗୁରୁମା ସାହି ପଡିଶା ଓ ସାଙ୍ଗ ସାଥୀଙ୍କୁ ସ୍ନେହ ଓ ପ୍ରେମ କରୁ ନାହଁକି । ଯଦି କରୁ ନ ଥାଅ ତାହାହେଲେ ଯେତେ ଶିକ୍ଷା ଗ୍ରହଣ କଲେ ମଧ୍ୟ ତାହା ଅମଣିଷ ପଣିଆରେ ଯିବ । ତେଣୁ ସ୍ନେହ ଓ ପ୍ରେମ ହିଁ ଆମ ମାନବ ସମାଜର ଦୀପଶିଖା ।

ସମ୍ମାନୀୟ ଅତିଥି ମାଲକାନଗିରି ବିଧାୟକ ମାଡକାମି କହିଥିଲେ, ମାଲକାନଗିରି ଭଳି ଏକ ଆଦିବାସୀ ଅଞ୍ଚଳରେ ଘଡେଇ ଆବାସିକ ମହାବିଦ୍ୟାଳୟ ଭଳି ଏକ ବିଦ୍ୟାଳୟ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି। ଜିଲାର ଅନେକ ଯୁବତୀ ଯୁବକଙ୍କୁ ଉଚ୍ଚ ଶିକ୍ଷା ଏବଂ ନିଯୁକ୍ତିରେ ଏହା ଏକ ମାଇଲ ଖୁଣ୍ଟ ସୃଷ୍ଟି କରିଛି। ପରେ ବାର୍ଷିକ କ୍ରୀଡା ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ଖଗୋଳ ବିଜ୍ଞାନାଗାର ଉଦ୍‌ଘାଟିତ

ମାଲକାନଗିରି, ୨୩।୧ (ଗୌରୀ ଶଙ୍କର ପଣ୍ଡା)

ମାଲକାନଗିରି ସଦର ମହକୁମା ନୋଡାଲ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଅଷ୍ଟ୍ରୋନମିକାଲ ଲାବରାଟରି ଉଦ୍‌ଘାଟିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ, ସହକାରୀ ଜିଲାପାଳ ଅଶୋକ ଚକ୍ରବର୍ତ୍ତୀ, ଶିକ୍ଷାବିତ ଶିବପ୍ରସାଦ କୀର୍ତ୍ତନିଆ, ଏମ୍‌ପି ପ୍ରତିନିଧି ସଞ୍ଜୟ କରକାର ଓ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣି, ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସନ୍ଦିପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏମ୍‌ପି ମାଝୀ ବିଜ୍ଞାନାଗାରର ଉଦ୍‌ଘାଟନ କରିଥିଲେ। ପରେ ସମସ୍ତ ଅତିଥିମାନେ ଖଗୋଳ ବିଜ୍ଞାନାଗାରରେ ଥିବା ବିଭିନ୍ନ ବିଜ୍ଞାନ ବିଷୟର ଯନ୍ତ୍ରପାତି ଯଥା ଦୂରବୀକ୍ଷଣ ଯନ୍ତ୍ର, ଅଣୁବୀକ୍ଷଣ ଯନ୍ତ୍ର ଦେଖି ମୁଗ୍ଧ ହୋଇ ଥିଲେ । ଏହି ବିଜ୍ଞାନାଗାର ଜିଲାର ଛାତ୍ରୀଛାତ୍ରଙ୍କ ପାଇଁ ବିଜ୍ଞାନ ବିଷୟରେ ଶିକ୍ଷାଲାଭ କରିବା ଅତି ସହଜ ହେବ ବୋଲି ସମସ୍ତେ ଆଶା ପ୍ରକଟ କରିଛନ୍ତି।

# ୮ ମାଓବାଦୀଙ୍କ ଆତ୍ମସମର୍ପଣ, ୩ ଗିରଫ



ଆତ୍ମସମର୍ପଣ କରିଥିବା ମାଓବାଦୀ ।

ମାଲକାନଗିରି, ୨୩।୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ନିକଟରେ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀଙ୍କ ସହ ୮ଜଣ ଅଧୀକ୍ଷକ ପ୍ରଭାତ କୁମାରଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି।

ଏମାନଙ୍କ ମଧ୍ୟରୁ ୫ ଲକ୍ଷ ପୁରସ୍କାର ଘୋଷିତ ଦିଲୀପ ଧ୍ରୁବ, ୧ ଲକ୍ଷ ପୁରସ୍କାର ଘୋଷିତ ସୁକଲୀ ଓରଫ ଲଳିତା ଡିମ୍ମା, ସୁଧାରାମ ପୋୟାମ, ସୋନି କେରାମ, ମଙ୍ଗଲୁ କଶ୍ୟପ, ଘସ୍‌ସି ଓରଫ ପୁଡି ପୋଡିୟମ, ଅମୃତା ତୁରେଟି ଓ ସୁଦନି ବଡଦା ରହିଛନ୍ତି।

ସେହିପରି ଅନ୍ୟ ଏକ ଘଟଣାରେ ବିଜାପୁର ଡିଆର୍‌ଜି ବାହିନୀ ତରଫରୁ ଗାଙ୍ଗାଲୁର ଥାନା ଅଞ୍ଚଳ ହିର୍ମାଗୁଣ୍ଡା, ମାଲୁର, ନୈନପାଲ ଜଙ୍ଗଲରେ କୋମ୍ବିଂ କରୁଥିବା ସମୟରେ ମାଲୁର ଓ ନୈନପାଲ ଅଞ୍ଚଳରେ ୩ ମାଓବାଦୀଙ୍କୁ ଗିରଫ କରିଥିଲେ। ଏମାନେ ହେଲେ ସୁକୁ ପୋଟାମ, ରାଜୁ ପଟାମ ଓ ଉଇକା ଓରଫ ହେମା ଓରଫ ରମେଶ। ଏଥିସହ ଏହି ୩ ଜଣଙ୍କ ନିକଟରୁ ଗୋଟିଏ ଟିଫିନ ବୋମା, କୋଡେକ୍ସ ତାର, ଫ୍ୟୁଜ୍ ସହ ବିସ୍ଫୋଟକ ସାମଗ୍ରୀ ଜବତ କରାଯାଇଛି।

ଏମାନଙ୍କ କହିବା ଅନୁଯାୟୀ, ଛତିଶଗଡ଼ ପୋଲିସ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠାକରି ଦମନ ଚଳାଇଛି। ଏଥିସହ ପୋଲିସ ଓ ସୁରକ୍ଷା କର୍ମୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ମାଓବାଦୀମାନେ ଆତ୍ମସମର୍ପଣ କରିବା ସହ ଅନେକଙ୍କ ମୃତ୍ୟୁ ହେଲାଣି। ଛତିଶଗଡ଼ ସରକାରଙ୍କ ଯୋଜନାରେ ଅନୁପ୍ରାଣିତ ହୋଇ ଏହି ୮ ଜଣ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏମାନଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ଗୋପବନ୍ଧୁ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

କାଳିମେଳା, ୨୩।୧ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ଗୋପବନ୍ଧୁ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ୩୨ ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟକ୍ଷ ହିମାଂଶୁ ଶେଖର ବୈଦ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ସହକାରୀ ଜିଲାପାଳ ଅଜୟ କୁମାର ମଣ୍ଡାଙ୍ଗି,ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଲା ମାଢ଼ି, ଜିଲା ପରିଷଦ ସଭ୍ୟା ମମତା ପଡିଆମି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅଧାପକ ପ୍ରକାଶ କୁମାର ମିଶ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ବୈଦ୍ୟ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କ୍ରୀଡାରେ ଅଂଶଗ୍ରହଣକରି କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ଅଧାପିକା ଅଧାପକ କର୍ମଚାରୀମାନେ ସହଯୋଗ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ନେତାଜୀ ଜୟନ୍ତୀ ଉପଲକ୍ଷେ ସ୍ୱାସ୍ଥ୍ୟ, ରକ୍ତଦାନ ଶିବିର

ଏମ୍‌ଭି,୭୯, ୨୩।୧ (ଭିକି ବାରିକ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ପିଭି-୮୧ ଗ୍ରାମରେ ନେତାଜୀ କ୍ଲବ୍ ତରଫରୁ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରାମରେ ନେତାଜୀ ଯୁବକ ସଂଘ ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେତାଜୀଙ୍କ ବେଶରେ ସଜାଇ ଘୋଷବାଦ୍ୟ ସହ ପଥ ସଞ୍ଚାଳନ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ରକ୍ତଦାନ ଏବଂ ମୁକ୍ତ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ଆନ୍ଧ୍ରପ୍ରଦେଶରୁ ୫ ଜଣିଆ ଡାକ୍ତରୀ ଦଳ ଆସି ଏହି ଉପାନ୍ତ ଅଞ୍ଚଳର ୧୦ ପଞ୍ଚାୟତର ପ୍ରାୟ ୨ ହଜାର ଲୋକ ମାଗଣାରେ ଚିକିତ୍ସିତ ହୋଇଥିଲେ। ଶିବିରରେ ସ୍ଥାନୀୟ ପୋଲିସ, ଯୁବତୀଯୁବକ ଓ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ ।

# ତାଲିମ ନେବାକୁ ହାଇଦ୍ରାବାଦ ଗଲେ ପୁରସ୍କୃତ ୫ ଶିକ୍ଷୟିତ୍ରୀ ଶିକ୍ଷକ

କୋରୁକୋଣ୍ଡା, ୨୩।୧ (ଶିବଦତ୍ତ ସାହୁ)



ମାଲକାନଗିରି ଜିଲାରୁ ୫ ଶିକ୍ଷୟିତ୍ରୀ ଶିକ୍ଷକ ବୃତ୍ତିଗତ ମାନର ଉନ୍ନତି ନିମନ୍ତେ ତାଲିମ ପାଇଁ ଗୁରୁବାର ହାଇଦ୍ରାବାଦ ଯାଇଛନ୍ତି। ୨୦୨୩-୨୪ ଶିକ୍ଷା ବର୍ଷରେ ମାଲକାନଗିରି ଜିଲାର ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ମୁଖ୍ୟମନ୍ତ୍ରୀଙ୍କଠାରୁ ଶିକ୍ଷା ପୁରସ୍କାର ପାଇ ଗୌରବ ଆଣିଥିଲେ। ଚଳିତ ବର୍ଷ ତେଲଙ୍ଗାନା ରାଜ୍ୟର ଡା. ମାରିଚନ୍ନା ରେଡ୍ଡୀ ମାନବ ସମ୍ବଳ ବିକାଶ ପ୍ରତିଷ୍ଠାନ,ହାଇଦ୍ରାବାଦରେ ଅନୁଷ୍ଠିତ ହେବାକୁଥିବା ବୃତ୍ତିଗତ ମାନ ଉନ୍ନତି କର୍ମଶାଳାରେ ଯୋଗଦେବା ନିମନ୍ତେ ୫ଜଣ ସେଠାରେ ପହଞ୍ଚିଛନ୍ତି। ୨୦୨୩-୨୪ ଶିକ୍ଷା ବର୍ଷରେ ବିଦ୍ୟାଳୟର ଭିତ୍ତିଭୂମି, ଶୈକ୍ଷିକ ମାନଦଣ୍ଡ, ଗୋଷ୍ଠୀ ସହଯୋଗିତା ଆଧାରରେ ଆପନମାଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମାହାଳୀ, କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ କୁମାର ରଣା, ଏମ୍‌ଭି-୩୧ ପିୟୁପିଏସ୍ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାର୍ତ୍ତିକେଶ୍ୱର ପଣ୍ଡା, ପୁରୁଣା ଚିମିଟାପାଲି ପିୟୁପିଏସ୍ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟୁଟୁ ପଡିଆମି, କମାଲିଗୁଡା ପିଏସ୍ ବିଦ୍ୟାଳୟ ଶିକ୍ଷକ ସାନୁ ମାଢ଼ି ପ୍ରମୁଖ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ। ପ୍ରତ୍ୟେକ ବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ଲକ୍ଷ ୧୦ ହଜାର ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ କିପରି ଆହୁରି ଅଧିକ ଭିତ୍ତିଭୂମି, ଗୋଷ୍ଠୀ ସହଯୋଗିତା ଏବଂ ଶିକ୍ଷାର ମାନଦଣ୍ଡରେ ବୃଦ୍ଧି ହୋଇପାରିବ ସେ ନେଇ ତାଲିମ ପାଇଁ ଯାଇଛନ୍ତି ଏହି ୫ ଜଣ ଶିକ୍ଷକ ।

# ସୁଭାଷ ବୋଷ, ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

ମାଲକାନଗିରି, ୨୩।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାର ବିଭିନ୍ନ ସ୍ଥାନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସୁଭାଷ ବୋଷ ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲକାନଗିରି ଏସ୍‌ପି ବିବେକାନନ୍ଦ ଶର୍ମା, ପୌର ପରିଷଦ ନିର୍ବାହୀ ଅଧିକାରୀ, ତହସିଲଦାର ଓ ଅନ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗୋବିନ୍ଦ ପାତ୍ର, ଜି. ଶ୍ରୀନିବାସ ରାଓ, ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ଶଙ୍କର ପାଣିଗ୍ରାହୀଙ୍କ ସହ ଶତାଧୀକ ସହରବାସୀ ଉପସ୍ଥିତ ଥିଲେ। ପରେ ଟାଉନ କ୍ଲବ ପରିସରରେ ସଭାପତି ଡି. ଚିନ୍ନାରାଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ଏସ୍.ପି. ଶ୍ରୀ ଶର୍ମା, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ବିଭିନ୍ନ ବିଭାଗର ପଦାଧିକାରୀ ବୁଦ୍ଧିଜୀବି ଉପସ୍ଥିତ ଥିଲେ।

ନେତାଜୀଙ୍କ ପ୍ରତିମର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ସମୂହ ପ୍ରାର୍ଥନା କରାଯାଇଥିଲା। ଭାରତୀୟଙ୍କୁ ଦୁଃଖଭରା ଜୀବନ ତାଙ୍କୁ ବ୍ୟସ୍ତ ବିବ୍ରତ କରିଥିଲା। ତାଙ୍କ ସାହସ, ଦେଶଭକ୍ତି, ଭାରତବର୍ଷକୁ ସ୍ୱାଧୀନତା ହେବାପାଇଁ କ୍ରାନ୍ତିକାରୀ ରୂପ ନେଇଥିଲା ଯୁବପିଢି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ବୁଟିଗୁଡା ସୁଭାଷ ବୋଷ ଛାତ୍ରାବାସରେ ଉପ ଜିଲାପାଳ ଭୋଇଙ୍କ ଦ୍ୱାରା ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲ। ସେହିପରି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସଭାପତି ବାଲାରାଜୁ ପାଢୀଙ୍କ ଅଧ୍ୟକ୍ଷତାରେ ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନକରି ଏହି ଜୟନ୍ତୀ ପାଳନ କରିବା ସହ ତାଙ୍କ ଗୁଣଗାନ କରିଥିଲେ। କାର୍ଯ୍ୟକ୍ରମରେ ସୁରେନ୍ଦ୍ର ମଲ୍ଲିକ, ନବକିଶୋର ସାହୁ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବାବାଜୀ ଚରଣ ସ୍ୱାଇଁ, ଲଡୁକିଶୋର ପଣ୍ଡା ଓ ବିଚିତ୍ରାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।





ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

DSPL-347

ଓଡ଼ିଶା ସରକାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗୋ-ସମ୍ପଦ ବୀମା ଯୋଜନା

- ଦୁଧିଆଳୀ ଗାଈ ଓ ମଇଁଷିଙ୍କ ବୀମାକରଣ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧିନରେ ଆରମ୍ଭ ହୋଇଛି ଗୋ-ସମ୍ପଦ ବୀମା ଯୋଜନା ।
- ବୀମାଦେୟର ମାତ୍ର ୧୫ ପ୍ରତିଶତ ଦେଇ ଗାଈମଇଁଷିଙ୍କ ବୀମା କରନ୍ତୁ ।
- ଆପଣଙ୍କ ବୀମାଭୁକ୍ତ ଗାଈମଇଁଷିର ମୃତ୍ୟୁ ହେଲେ କ୍ଷତିପୂରଣ ପାଇବା ନିଶ୍ଚିତ କରିବା ସହ ଏହା ଆପଣଙ୍କୁ ଚିନ୍ତାମୁକ୍ତ ରଖିବ ।
- ପ୍ରାଣିସମ୍ପଦ କର୍ମଚାରୀ ଆପଣଙ୍କ ଘରକୁ ଆସି ଗାଈମଇଁଷିଙ୍କୁ ଟ୍ୟାଗ୍ ପିନ୍ଧାଇ ବୀମାକରଣ କରିବେ ।

ଅଧିକ ସୂଚନା ପାଇଁ 8280919944 କିମ୍ବା ଦେୟମୁକ୍ତ ନମ୍ବର 155333 ରେ ଯୋଗାଯୋଗ କରନ୍ତୁ ।

OIPR-06014/13/0027/2425

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
fard.odisha.gov.in

Follow us farddepartment farddepartment farddepartment farddept

# ଅଧିକାର ହାସଲ ବିନା ଗାଁକୁ ଫେରିବୁ ନାହିଁ

**ଟିକିରି,୨୩।୧(ପ୍ରଫୁଲ୍ଲ କୁମାର ବେହେରା)**



ପଦଯାତ୍ରାରେ ବାହାରିଥିବା ଗ୍ରାମବାସୀ।

■ ଲମ୍ଫେରି, ଗୁମ୍ରାପୁଟରେ ମୌଳିକ ସୁବିଧା ଅପହଞ୍ଚ

■ ସମାଧାନ ଦାବିରେ ବ୍ଲକ୍ ଅଫିସ୍ ଆଗରେ ଗ୍ରାମବାସୀଙ୍କ ଧାରଣା

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଗୋରଖପୁର ପଞ୍ଚାୟତଠାରୁ ମାତ୍ର ୪ କି.ମି. ଦୂରରେ ପାହାଡ଼ ତଳେ ଅବସ୍ଥିତ ଲମ୍ଫେରି ଏବଂ ଗୁମ୍ରାପୁଟ ଗ୍ରାମବାସୀ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତଥିବା ଅଭିଯୋଗ ହୋଇଛି। ଗାଁରେ ପାନୀୟ ଜଳ ସୁବିଧା ନ ଥିବାବେଳେ ଗମନାଗମନ ପାଇଁ ପକ୍କା ରାସ୍ତା ନାହିଁ। ଏପରିକି ଗ୍ରାମବାସୀ ଏବେ ବି ବିଜୁଳି ଆଲୋକ ସେବାରୁ ବଞ୍ଚିତ ଅଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଉପରୋକ୍ତ ୨ ଗ୍ରାମର ସମସ୍ୟା ତୁରନ୍ତ ସମାଧାନ ଦାବିରେ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ଭାବେ ଗାଁଠାରୁ ପଦଯାତ୍ରା କରି କାଶୀପୁର ବ୍ଲକ୍ ଅଫିସ୍ ସମ୍ମୁଖରେ ପହଞ୍ଚି ଧାରଣାରେ ବସିବା ସହ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆସନ୍ତା ୨୫ ତାରିଖ ସୁଦ୍ଧା ପ୍ରଶାସନ କୌଣସି ସମାଧାନ ନ କଲେ ୨୬ ସାଧାରଣତନ୍ତ୍ର ଦିବସରେ ଦେଶର ସମ୍ବିଧାନକୁ ସମ୍ମାନ ଜଣାଇ ସାମୂହିକ ପତାକା ଉତ୍ତୋଳନ କରିବା ସହ ଆନ୍ଦୋଳନସ୍ଥଳରେ ଗ୍ରାମସଭା କରି କଠୋର ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। ଏଠାରେ ଭୋକ ଉପାସରେ ମରିବୁ ପଛେ ସାମ୍ବିଧାନିକ ଅଧିକାର ହାସଲ ବିନା ଗାଁକୁ ଫେରିବୁ ନାହିଁ ଏବଂ ସମ୍ପୂର୍ଣ୍ଣ ଆନ୍ଦୋଳନ ଅହିଂସା ଏବଂ ସାମ୍ବିଧାନିକ ପ୍ରକ୍ରିୟାରେ ପରିଚାଳନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ପୂର୍ବରୁ ପ୍ରଶାସନ ଏବଂ କାଶୀପୁର ପୋଲିସକୁ ସୂଚନା ଦେଇଥିବା ସେମାନେ କହିଛନ୍ତି। ତେବେ ଖବର ଲେଖାହେବା ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ତାଙ୍କ ସହ ଆଲୋଚନା କରି ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ୍ ପ୍ରଶାସନ ମାଧ୍ୟମରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଗତବର୍ଷ ଗାଁରେ ଥିବା ଏକମାତ୍ର ନଳକୂପର ଦୂଷିତ ଜଳ ବ୍ୟବହାରକରି ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୪ଜଣ ପ୍ରାଣ ହରାଇଥିଲେ। ଏହି ଘଟଣା ପରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଗାଁକୁ ଯାଇ ବିଭିନ୍ନ ସୁବିଧା ଯୋଗାଇଦେବାକୁ ମାଳ ମାଳ ପ୍ରତିଶ୍ରୁତି ଦେଇ ଚାଲି ଆସିଥିଲେ। ୪ଜଣଙ୍କ ପ୍ରାଣ ଗଲା ପରେ ଅନ୍ତତଃ ଗାଁର ଦୁଃଖ ଦୂରହେବା ନେଇ ଆଶା ରଖିଥିବା ଗ୍ରାମବାସୀ ନିରାଶ ହୋଇ ଏବେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଥିବା କହିଛନ୍ତି।

## ଅନୁଗୋଳରେ କୋଠାରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ

**ରାୟଗଡ଼ା,୨୩।୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକର ଜଣେ ଯୁବକ ପେଟପାଟଣା ଓ ପରିବାର ଭରଣପୋଷଣ ପାଇଁ ଅନୁଗୋଳ ଜିଲାକୁ ଦାଦନ ଖଟିବାକୁ ଯାଇ ବୁଧବାର ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ହେଲେ କାଶୀପୁର ବ୍ଲକ କୁଚେଇପଦର ନିବାସୀ ବିପିନ ମାଝିଙ୍କ ପୁଅ ବୀରେନ୍ଦ୍ର ମାଝି (୨୭)। ସେ ଦୀର୍ଘଦିନ ଧରି ଅନୁଗୁଳ ଜିଲାର ଏକ ଷ୍ଟିଲପ୍ଲାଣ୍ଟରେ ଏକ ଠିକାସଂସ୍ଥା ପାଖରେ ରହି ଶ୍ରମିକ ଭାବେ କାମ କରି ଆସୁଥିଲେ। ବୁଧବାର ସେ ଉକ୍ତ ପ୍ଲାଣ୍ଟ ପରିସରରେ ନିର୍ମାଣାଧିନ ଏକ ନିର୍ମାଣାଧୀନ କୋଠାରେ କାମ କରୁଥିବାବେଳେ କୌଣସି କାରଣରୁ କୋଠାରୁ ତଳକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ବୁଧବାର ପୋଲିସ ତଥା ପରିବାର ଲୋକଙ୍କୁ ଅବଗତ ପରେ ଗୁରୁବାର ଦ୍ୱିପହର ସମୟରେ ମୃତଦେହ କୁଚେଇପଦର ଗ୍ରାମକୁ ଏକ ଆମ୍ବୁଲାନ୍ସ ଯୋଗେ ଆଣୁଥିବା ସୂଚନା ମିଳିଛି। ଏହି ଘଟଣାର ତଦନ୍ତ ଚାଲିଥିବା ଅତିରିକ୍ତ ଜଲା ଶ୍ରମ ଅଧିକାରୀ ସଞ୍ଜୟ ରଇତ ସୂଚନା ଦେଇଛନ୍ତି।

## ବିବେକାନନ୍ଦ ସେବା ସମିତି ପକ୍ଷରୁ ନେତାଜୀ ଜୟନ୍ତୀ

**ରାୟଗଡ଼ା,୨୩।୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସ୍ୱାମୀ ବିବେକାନନ୍ଦ ସେବା ସମିତି ପକ୍ଷରୁ ଗୁରୁବାର ସକାଳ ୧୦ଟାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାୟଗଡ଼ା ବିଦ୍ୟା ନଗରସ୍ଥିତ ମହିଳା ସଂସ୍କୃତି ଅନୁଷ୍ଠାନ ଗୃହରେ ସମିତିର ସଭାପତି ଯୋଗେଶ୍ୱର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ରାଷ୍ଟ୍ରୀୟ ଉପସଭାପତି ଏମ୍ ଜଗଦୀଶ୍ୱର ରାଓ, ମୁଖ୍ୟବକ୍ତା ଭାବେ ଖବରଦାତା ବାଦଲ କୁମାର ତା, ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷା ବିଦ୍ୟୁଲତା ହୁଇକା ଯୋଗଦେଇ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଯୁବସମାଜ ନେତାଜୀଙ୍କ ଆଦର୍ଶକୁ ଗ୍ରହଣ କରି ନିଜ ଜୀବନକୁ ଆଗକୁ ନେବା ପାଇଁ ମାର୍ଗଦର୍ଶନ କରିଥିଲେ। ସମିତିର ସହ ସହସମ୍ପାଦକ ଗଣେଷ ସାହୁ ସମିତିର କାର୍ଯ୍ୟ ଶୈଳୀ, କାର୍ଯ୍ୟକ୍ରମ ଉପରେ ଉପସ୍ଥାପନା କରିଥିଲେ। ଏହି ଅବସରରେ ସମିତି ପକ୍ଷରୁ ଛାତ୍ରୀଛାତ୍ର, ସାମାଜିକ କର୍ମୀ, ଲେଖକଲେଖିକାଙ୍କୁ ମାନପତ୍ର ସହ ଗୋଟିଏ ଲେଖାଏ ଗଛର ଚାରା ଦେଇ ସମ୍ମାନିତ କରିଥିଲେ। ଏଥିସହ ଦେଶରେ ପର୍ଯ୍ୟାବରଣକୁ ରକ୍ଷା କରିବା ଏବଂ ପଲିଥିନମୁକ୍ତ କରିବା ପାଇଁ ଅତିଥିମାନେ ଅନୁରୋଧ କରିଥିଲେ। ଜୟଦେବ ସିଠ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ। ନାରୀ କବି ପଦ୍ମିନୀ ମିଶ୍ର ଉପସ୍ଥିତ ଛାତ୍ରୀଛାତ୍ର, ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଦୁର୍ଗା ମାଧବ ଘୋଷ, ଉଷା ରାଣୀ ଦାଶ, ରାମକୃଷ୍ଣ ପାଣିଗ୍ରାହୀ, ପ୍ରଦୀପ ସାହୁ, ଅଶ୍ୱିନୀ ନାୟକ, ନେହା ସିଂ ପରିଚାଳନା କରିଥିଲେ।

## ଆଦିବାସୀ ଧର୍ମପୀଠର ଶୁଭାରମ୍ଭ

**ରାୟଗଡା,୨୩।୧ (ଭାଗ୍ୟଶ୍ରୀ ମିଶ୍ର )**

ଆଦିବାସୀ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ନିମନ୍ତେ ରାୟଗଡ଼ା ସହରସ୍ଥିତ ଶିଙ୍ଗିଗୁଡ଼ା ପାହାଡ଼ରେ ଗୁରୁବାର ମଧ୍ୟାହ୍ନ ୧ଟାରେ 'ଆଦିବାସୀ ଧର୍ମପୀଠ' ଶୁଭାରମ୍ଭ ହୋଇଛି। ରାୟଗଡ଼ ଆଦିବାସୀ ମହାସଂଘର




ଜିଲା ସଭାପତି ତଥା ଆଦିବାସୀ ଧର୍ମପୀଠ ପ୍ରତିଷ୍ଠାତା ବିଜୟ କୁମାର ମେଲାକାଙ୍କ ଦ୍ୱାରା ପୂଜନ ଓ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପାହାଡ଼ରେ ଆଦିବାସୀ ଧର୍ମପୀଠ ସମେତ ଅନ୍ୟାନ୍ୟ ଅନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ପ୍ରକଳ୍ପ ବାବଦରେ ଆଲୋଚନା କରାଯାଇଥିଲା। ସେଠାରେ ଆଦିବାସୀ ଗବେଷଣା ଅନୁଷ୍ଠାନ, ଆଦିବାସୀ ଇକୋ ପାର୍କ, ଆଦିବାସୀ ଚେରମୂଳି ଚିକିତ୍ସାଳୟ, ଆଦିବାସୀ ଅଡିଟୋରିୟମ, ଆଦିବାସୀ ସଂଗ୍ରହାଳୟ, ଆଦିବାସୀ ଜ୍ଞାନକେନ୍ଦ୍ର, ଆଦିବାସୀ ପ୍ରଶିକ୍ଷଣ ଅନୁଷ୍ଠାନ, ଆଦିବାସୀ ବ୍ୟାୟାମଶାଳା, ଆଦିବାସୀ ପାଠାଗାର, ଆଦିବାସୀ ଔଷଧୀୟ ବଗିଚା, ଏଜୁକେସନ ସେଣ୍ଟର୍ ( ଓ.ଏ.ଏସ କୋଚିଂ ସେଣ୍ଟର୍), ସ୍କୁଲ ଓ କଲେଜ କୋଚିଂ ସେଣ୍ଟର୍ ଇତ୍ୟାଦି ପ୍ରତିଷ୍ଠା କରିବା ପାଇଁ ସଂକଳ୍ପ କରାଯାଇଥିଲା। ମହାସଂଘର ସମ୍ପାଦକ କାମେଶ୍ୱର ବିଡ଼ିକା ଓ ମହେଶ୍ୱର ବିଡ଼ିକା ମଧ୍ୟ ଉପସ୍ଥିତ ଥିଲେ। ଏହିପ୍ରକଳ୍ପ ଦ୍ୱାରା ଆଦିବାସୀ ସମାଜର ସର୍ବାଙ୍ଗୀନ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଚଳିତ ବର୍ଷ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଏଠାରେ ଜିଲାସ୍ତରୀୟ 'ଆଦିବାସୀ ଧର୍ମପୀଠ' ଅନୁଷ୍ଠିତ ହେବ ବୋଲି ଲକ୍ଷ୍ୟ ରଖାଯାଇଥିବା ଜିଲା ସଭାପତି ମେଲାକା ସୂଚନା ଦେଇଛନ୍ତି।

## ରାୟଗଡ଼ା ଜିଲାରେ ୩୨ ପ୍ରଜାତିର ୨୧୭୨ ପକ୍ଷୀ ଚିହ୍ନଟ


ରାୟଗଡ଼ା ରେଞ୍ଜର କାମେଶ୍ୱର ଆଚାରିଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ପକ୍ଷୀ ଗଣନା ପାଇଁ ଯାଇଛନ୍ତି।

**ରାୟଗଡ଼ା, ୨୩।୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାରେ ଚଳିତ ବର୍ଷ ୩୨ ପ୍ରଜାତିର ୨୧୭୨ ପକ୍ଷୀ ଚିହ୍ନଟ ହୋଇଛନ୍ତି। ରାୟଗଡ଼ା ବନଖଣ୍ଡରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ପକ୍ଷୀଙ୍କ ସଂଖ୍ୟା ବଢ଼ିଥିବା ବେଳେ ସେମାନଙ୍କ ପ୍ରଜାତି ସଂଖ୍ୟା କମିଛି। ଗତବର୍ଷ ୪୨ ପ୍ରଜାତିର ୧୮୦୪ ପକ୍ଷୀ ଚିହ୍ନଟ ହୋଇଥିଲେ। ମିଳିଥିବା ସୂଚନା ପ୍ରକାରେ, ରାୟଗଡ଼ା ବନଖଣ୍ଡ ଅଧୀନରେ ଥିବା ୭ଟି ରେଞ୍ଜରେ ବିଭିନ୍ନ ନଦୀ, ନାଳ, ପୋଖରୀ ନିକଟରେ ଥିବା ପକ୍ଷୀ ଗଣନା କରାଯାଇଛି। ଗୁଣପୁର ବ୍ଲକର ଭାଲେରୀ, ରାୟଗଡାର ସିଲଟିଗୁଡା ଡ୍ୟାମ, ନାଗାବଳୀ ନଦୀ, ଝଞ୍ଜାବତୀ ନଦୀ ତଟରେ ମଧ ପକ୍ଷୀ ଗଣନା କାର୍ଯ୍ୟ ହୋଇଛି। ଚଳିତ ବର୍ଷ ବଗ, ଗେଣ୍ଡାଳିଆ, ମାଛରଙ୍କା, ପାଣିକୁଆ, ପାଣିହଂସ ଆଦି ପକ୍ଷୀଙ୍କ ଗଣନା କରାଯାଇଛି। ଏଥିରେ ବନ ବିଭାଗର ଶତାଧିକ କର୍ମଚାରୀ ସାମିଲ ହୋଇଥିଲେ। ବାଇନାକୁଲର, କ୍ୟାମେରା ବ୍ୟବହାର କରି ପକ୍ଷୀ ଗଣନା କାମ କାରାଯାଇଥିଲା। ଗତ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ଭାଲେରୀରେ ବିଦେଶୀ ପକ୍ଷୀ ଦେଖିବାକୁ ମିଳିଥିଲେ ମଧ୍ୟ ଏବେ ପକ୍ଷୀ ଗଣନା ବେଳେ ସେ ସବୁକୁ ଦେଖିବାକୁ ମିଳି ନ ଥିଲା ବୋଲି ଏସିଏଫ୍ ସନ୍ଦୀପ କୁମାର ପୃଷ୍ଟି ସୂଚନା ଦେଇଛନ୍ତି।

## ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କରିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ରାୟଗଡ, ୨୩।୧(ଭାଗ୍ୟଶ୍ରୀ ମିଶ୍ର )**

**ଆଜାଦ ହିନ୍ଦ ୟୁଥ୍ ଆସୋସିଏଶନ ପକ୍ଷରୁ ନେତାଜୀ ଜୟନ୍ତୀ**

ରାୟଗଡ଼ାସ୍ଥିତ ଆଜାଦ ହିନ୍ଦ ୟୁଥ ଆସୋସିଏଶନ ଅନୁଷ୍ଠାନର ୩୫ ତମ ବାର୍ଷିକ ଉତ୍ସବ ସହ ନେତାଜୀ ଜୟନ୍ତୀ ଗୁରୁବାର ସରକାରୀ ବାଳିକା ବିଦ୍ୟାଳୟ ପଡିଆଠାରେ ପାଳିତ ହୋଇଛି। ପ୍ରାତଃ ସମୟରେ ରାମଧୁନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଅନୁଷ୍ଠାନ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍ ଭାସ୍କର ରାଓ ଯୋଗଦେଇଥିଲେ। ସେହିପରି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଏଠାକୁ ଆସିଥିଲେ। ସନ୍ଧ୍ୟା ପ୍ରାୟ ୮ଟାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ନୟାଗଡ ବିଧାୟକ ଡ. ଅରୁଣ ସାହୁ ଯୋଗଦେଇ ଆଜିର ଯୁବଗୋଷ୍ଠୀ ସୁଭାଷ ବୋଷଙ୍କ ଆଦର୍ଶ, ତ୍ୟାଗ ଏବଂ ବଳିଦାନରୁ କିଛି ଶିଖିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ନେତାଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ମିଳିମିଶି କାମ କରିବାକୁ ରାୟଗଡା ବିଧାୟକ ଆପାଲାସ୍ୱାମୀ କାଡ୍ରାକା ଆହ୍ୱାନ ଦେଇଥିଲେ। ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ ଭାସ୍କର ରାଓ ଯୋଗଦେଇଥିଲେ। ସଭା ପରେ ଆଜାଦ ହିନ୍ଦ ୟୁଥ ଆସୋସିଏଶନର ଗୀତ୍ ଗୁଞ୍ଜନ ଅର୍କେଷ୍ଟ୍ରା ଓ ମ୍ୟୁଜିକ ଗ୍ୟାଲେକ୍ସିର ମେଲୋଡି ପରିବେଷଣ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବିଦିଶା ସତପଥି ମଞ୍ଚ ପରିଚାଳନା କରିଥିଲେ।

## ନେତାଜୀ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍ଯାପିତ


ଓଆରଏସ୍ ପାଇଥିବା ସୁନୀଲ ଶବରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଗୁଣପୁର,୨୩।୧(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁର ବ୍ଲକର ଚାନସାରୀ ନେତାଜୀ ଉଚ୍ଚ ବିଦ୍ୟାଳୟରେ ୨ ଦିନ ଚାଲିଥିବା ରୌପ୍ୟ ଜୟନ୍ତୀ ସମାରୋହ ଗୁରୁବାର ପୂର୍ବାହ୍ନ ୧୧ଟାରେ ଉଦ୍ଯାପିତ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ମହାପାତ୍ର, ସମ୍ମାନିତ ଅତିଥି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଝିଲି ଶବର, ବିଶିଷ୍ଟ ଅତିଥି ଭାବେ ଭାମିନି ଆଇଆରବିଏନର ଦୁର୍ଗପତି ବ୍ରଜ ମୋହନ ନାୟକ ଆଦି ଯୋଗଦାନ କରିଥିଲେ। ଏହି ଅବସରରେ ନେତାଜୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅନବରଣ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟର ଦିବଙ୍ଗତଙ୍କ ନିମନ୍ତେ କରାଯାଇଥିବା ଶ୍ରଦ୍ଧାଞ୍ଜଳି ମଣ୍ଡପ ସମସ୍ତ ବିଦ୍ୟାଳୟରେ କିଛି ସମୟ ପାଇଁ ଶୋକାକୁଳ ପରିବେଶ ଶୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ଓସ୍ତାର ପ୍ରଶାନ୍ତ ବେଜ, ସିଆରସି ଯାତ୍ରା ଶବର, ବିଜୟ ଗମାଙ୍ଗ, ବୋମାଳୀ କାନ୍ତା ରାଓ, ଓଡିଶା ପ୍ରଶାସନିକ ସେବା ସୁନୀଲ ଶବର, ବ୍ଲକ ଉପାଧକ୍ଷ ସୁଦର୍ଶନ ଶବର, ଓକିଲ ଗୌରୀ ଦାଶ, ପ୍ରେସ ୟୁନିୟନ ସଭାପତି ରାଧାକୃଷ ପଟ୍ଟନାୟକ, ଜଗନ୍ନାଥ ମନ୍ଦିର ସମ୍ପାଦକ ନିର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଉମା ଦାଶ ସ୍ୱାଗତ କରିଥିବାବେଳେ ଘନଶ୍ୟାମ ବେହେରା ଧନ୍ୟବାଦ ଦେଇଥିଲେ।

## ନବନିଯୁକ୍ତ ୩୫ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ତାଲିମ

**ରାୟଗଡା,୨୩।୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାରେ ନୂତନ ଭାବେ ନିଯୁକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିମନ୍ତେ ଏକଦିବସୀୟ ତାଲିମ ଶିବିର ଗୁରୁବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ପଞ୍ଚାୟତ ସମିତି ସଦ୍‌ଭାବନା ଗୃହରେ ଆୟୋଜିତ ଏହି ବୈଠକରେ ଜିଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା ମୁଖ୍ୟ ତାଲିମଦାତା ଭାବରେ ଯୋଗଦେଇଥିଲେ। ରାୟଗଡ଼ା ବ୍ଲକ୍‌ର ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଗୋପାଳ ପଣ୍ଡା ଓ କୋଲନରା ବ୍ଲକ୍ ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ପାଢ଼ୀ ଅନ୍ୟତମ ତାଲିମଦାତା ରୂପେ ମଞ୍ଚାସୀନ ଥିଲେ। ଜିଲାର ୧୧ଟି ବ୍ଲକ୍‌ରୁ ୩୫ ତାଲିମାର୍ଥୀ ଯୋଗଦେଇଥିଲେ। ପ୍ରକାଶ ଥାଉକି, ୨୦୨୪ରେ ଜିଲାରେ ଖାଲି ପଡିଥିବା ନିର୍ବାହୀ ଅଧିକାରୀ ପଦବୀ ପୂରଣ ପାଇଁ ୪୧ ଜଣ ପୁରୁଷ ଓ ମହିଳାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଏସ୍ଆଇଆର୍‌ଡିଠାରେ ସେମାନଙ୍କୁ ଗ୍ରାମପଞ୍ଚାୟତର କାର୍ଯ୍ୟ ଓ ସେମାନଙ୍କର ଭୂମିକା ବିଷୟରେ ପ୍ରାଥମିକ ତାଲିମ ପ୍ରଦାନ କରାଯାଇଥିଲା। ଜିଲାସ୍ତରୀୟ ଏହି ତାଲିମରେ ନବନିଯୁକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଗ୍ରାମପଞ୍ଚାୟତ ନଥିପତ୍ର, ନଗଦ କାରବାର ବହି, ଗ୍ରାମ ପଞ୍ଚାୟତ ମାସିକ ବୈଠକ, ଗ୍ରାମସଭା, ପଲ୍ଲୀସଭା, ବିଭିନ୍ନ ଷ୍ଟାଣ୍ଡିଂ କମିଟି ଗଠନ ଓ ପରିଚାଳନା ସହ ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ ୧୯୬୪ ଓ ଗ୍ରାମପଞ୍ଚାୟତ ନିୟମାବଳୀ ୨୦୧୪ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା। ନବନିଯୁକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯେପରି ବିଭିନ୍ନ ଧାରା, ଉପଧାରା ସହ ଅବଗତ ହେବା ସହ ରେକର୍ଡ ପରିଚାଳନା ଜ୍ଞାନ ଓ କୌଶଳ ପ୍ରାପ୍ତ କରିପାରିବେ ଓ ନିର୍ବିଘ୍ନରେ ଓ ବିନା ଚାପରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଏହି ତାଲିମର ଲକ୍ଷ୍ୟ ବୋଲି ଜିଲା ପଞ୍ଚାୟତ ଅଧିକାରୀ ମହାରଣା କହିଛନ୍ତି।


ଶିବିରରେ ନୂତନ ଭାବେ ନିଯୁକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ତାଲିମ ଦିଆଯାଉଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ରାମନାଗୁଡ଼ା,୨୩।୧(ସଞ୍ଜୟ ପ୍ରଧାନ)**

ରାମନାଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ଉପାଧ୍ୟକ୍ଷା ଜାନକୀ ନିମାଲା, ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ, ଜିଲା ପରିଷଦ ସଭ୍ୟ ତାଙ୍ଗୁଡୁ ଶ୍ରୀଧର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୨୨୪ଜଣ ଭିନ୍ନକ୍ଷମ ନିଜ ନାମ ପଞ୍ଜୀକରଣ କରିଥିଲେ। ୨୦୬ ଜଣ ଦିବ୍ୟାଙ୍ଗଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ତଥା ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡା. ରଞ୍ଜନ କୁମାର ସାହୁ, ଡ. ସଂଜ୍ଞା ଦାସ, ଡ. ଏମ୍. ସୁରେଶ କୁମାର, ଡ.ସଂଘମିତ୍ରା ପାତ୍ର ପ୍ରମୁଖ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ପରୀକ୍ଷା କରିଥିଲେ। ଉକ୍ତ ଶିବିରରେ ୧୮ ଜଣଙ୍କୁ ବସ୍ ପାସ୍, ୨୨ ଜଣଙ୍କ ଭିନ୍ନକ୍ଷମ ଉପକରଣ ପାଇଁ ଫର୍ମ ସଂଗ୍ରହ କରାଯାଇଛି, ଯାହା ଆଗାମୀ ଦିନରେ ଅନୁମୋଦନ କରାଯାଇ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପଲତା ଦୀକ୍ଷିତ, ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସଭାପତି ଶିଶିର ରାଉଳ, ପ୍ରମୁଖ ଉପସ୍ଥିତ ଥିଲେ।

## ନେତାଜୀ ଜୟନ୍ତୀ ପାଳିତ



**ଚନ୍ଦ୍ରପୁର, ୨୩।୧ (ବିଜୟ ପ୍ରସାଦ ଉଲାକା)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ସଦର ମହକୁମାରେ ଥିବା ଏସ୍ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ର ଯୋଗଦେଇ ପ୍ରଥମେ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ କରିଥିଲେ। ୭ ରୁ ୮ଜଣ ଛାତ୍ର ନେତାଜୀଙ୍କ ଜୀବନୀ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ। ପରେ ବିଦ୍ୟାଳୟର ଶିକ୍ଷକମାନେ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କରେ ନିଜ ନିଜର ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗଙ୍କ ସମେତ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ଡାଙ୍ଗସୋରଡ଼ା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ଅପର ପ୍ରାଇମେରି ବିଦ୍ୟାଳୟରେ ମଧ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି।

## ନେତାଜୀ ଜୟନ୍ତୀରେ ମେଗା ରକ୍ତଦାନ ଶିବିର

**ଗୁଣପୁର,୨୩।୧(ପ୍ରଦୀପ କୁମାର ପାଢ଼ୀ)**

**୧୫୦ ୟୁନିଟ୍ ରକ୍ତ ସଂଗ୍ରହ**

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ତଥା ପରାକ୍ରମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଶିବିରରେ ମୋଟ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସହକାରୀ ଜିଲାପାଳ ସତ୍ୟଜିତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଶୁଭ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ ପି. ବିଜୟ କୁମାର, ସ୍କୁଲ ଅଫ୍ ନର୍ସିଂର ଅଧକ୍ଷା କେ. ଜୟଶ୍ରୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ଗୁଣପୁର ରକ୍ତଭଣ୍ଡାରର ଡାକ୍ତର ସୁଜାତା ଦେବୀ, ଟେକ୍ନିସିଆନ ସୁରୁଚିରାଣୀ ପାତ୍ର, ରାକେଶ କୁମାର ପଣ୍ଡା, ରୋଜୀ ନାୟକ, ଭାରତୀ ପରିଚ୍ଛା ପ୍ରମୁଖ ଯୋଗଦେଇ ୧୫୦ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଶିବିରକୁ ଜାତୀୟ ସେବା ଯୋଜନାର ଆବାହକ ପ୍ରଫେସର୍ ବାଣୀପ୍ରସାଦ ନାୟକ, ପ୍ରଫେସର ଘନିଷ୍ଠା ପୃଷ୍ଟି, ଡାକ୍ତର ଏସ୍. ପାଢ଼ୀ, ସହଆବାହକ ଡ. ପ୍ରେମାଂଶୁ ଶେଖର ରଥ, ସଦସ୍ୟ ପ୍ରମୋଦ ରଞ୍ଜନ ପଣ୍ଡା, ଗୋପାଳକୃଷ୍ଣ ମହନ୍ତ, ଡ. ନିର୍ମଳା ପଟେଲ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଯୋଗଦେଇ ଉତ୍ସାହର ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସଭାପତି ଡ ସତ୍ୟପ୍ରକାଶ ପଣ୍ଡା, ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଡ. ଏନ୍ ଭି ଜଗନାଧା ରାଓ ସମସ୍ତ ରକ୍ତଦାତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।



୨ ଛାତ୍ର ରକ୍ତଦାନ କରୁଛନ୍ତି।

## ଅଫିସ୍‌ରେ ଅନୁପସ୍ଥିତ ୨୭ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ

**ବିଷମ କଟକ, ୨୩।୧ (ପ୍ରସନ୍ନ କୁମାର ପଣ୍ଡା)**

**ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ବିଷମକଟକ ବ୍ଲକ୍ ଗସ୍ତ**

ରାୟଗଡ଼ା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ବୁଧବାର ବିଷମକଟକ ବ୍ଲକ୍‌କୁ ଗସ୍ତ କରିଥିଲେ। ତାଙ୍କ ଗସ୍ତ ନିମନ୍ତେ ପୂର୍ବରୁ ବ୍ଲକ୍ କାର୍ଯ୍ୟାଳୟକୁ ଗସ୍ତସୂଚୀ ମଧ୍ୟ ପ୍ରସ୍ତୁତ ହୋଇଥିଲା। ଖେମୁଣ୍ଡୁ ସକାଳେ ୧୦.୪୦ରେ ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ଥିବାବେଳେ କାର୍ଯ୍ୟାଳୟରେ କୌଣସି କର୍ମଚାରୀଙ୍କୁ ସେ ଦେଖିବାକୁପାଇ ନଥିଲେ। ବ୍ଲକ୍‌କାର୍ଯ୍ୟାଳୟର ଏଭଳି ଦୃଶ୍ୟ ଦେଖି ସେ ବିରକ୍ତ ପ୍ରକାଶକରି ବ୍ଲକ୍ କାର୍ଯ୍ୟାଳୟର ଉପସ୍ଥାନ ଖାତା ମଗାଇ ଦେଖିଥିଲେ। ହେଲେ କାର୍ଯ୍ୟାଳୟରେ ୨୭ଜଣ କର୍ମଚାରୀଙ୍କ ଉପସ୍ଥାନ ଖାତାରେ ଦସ୍ତଖତ ନ ଥିଲା। ସେହି ସମୟରେ ୨୭ କର୍ମଚାରୀ କାର୍ଯ୍ୟାଳୟରେ ଉପସ୍ଥିତି ନ ଥିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୭ କର୍ମଚାରୀ କାହିଁକି ଅଫିସରେ ଅନୁପସ୍ଥିତ ଥିଲେ, ଏଥିସହ କାହିଁକି ସେମାନଙ୍କ ଦରମା ବନ୍ଦ କରାଯିବ ନାହିଁ ବୋଲି କାରଣ ଦର୍ଶାଅ ନୋଟିସ ଜାରି କରିବାକୁ କହିଥିଲେ। ଏହାପରେ ଖେମୁଣ୍ଡୁ କୁର୍ଲି ଗ୍ରାମପଞ୍ଚାୟତର ଖମ୍ବେସି ଗ୍ରାମକୁ ଗସ୍ତକରି ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଗୃହ ନିର୍ମାଣର ଅଗ୍ରଗତି ଦେଖିବା ସହ ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟ ପରିଦର୍ଶନରେ ଯାଇ ମଧ୍ୟାହ୍ନଭୋଜନ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପରେ ବିଷମକଟକ କ୍ୟାଫେ, ମିଲେଟ କ୍ୟାଫେ, ଚଣ୍ଡ଼ାଗୁଡ଼ାସ୍ଥିତ ନିର୍ମାଣାଧୀନ ଇଣ୍ଡଷ୍ଟ୍ରିଆଲ ପାର୍କ, ହାଟମୁନିଗୁଡ଼ା ସ୍ଥିତ କଲ୍ୟାଣମଣ୍ଡପ, ରୁରାଲ ହାଟ ବୁଲି ଦେଖିବା ପରେ ଅପରାହ୍ନରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକ୍‌ର ସମସ୍ତ ବିଭାଗର ସମୀକ୍ଷା କରିଥିଲେ। ଆସନ୍ତା ୨୪ରୁ ଆରମ୍ଭ ହେବାକୁ ଥିବା ଆବାସ ଗୃହ ସର୍ଭେ କାର୍ଯ୍ୟକୁ ସମସ୍ତ କର୍ମଚାରୀ ଗୁରୁତ୍ୱର ସହ ନେଇ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପ ପ୍ରଶାସକଙ୍କ ଗସ୍ତ ସମୟରେ ବିଡିଓ ନାୟକ, ସମସ୍ତ କନିଷ୍ଠ ଯନ୍ତ୍ରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସହ ଅନ୍ୟ ଅଧିକାରୀମାନେ।

# ଜଙ୍ଗଲଦ୍ରବ୍ୟର ଦର ନିର୍ଦ୍ଧାରଣ କଲା ଆନ୍ଧ୍ର ମାର୍କେଟ ସୋସାଇଟି

ପଟ୍ଟାଙ୍ଗି,୨୩ା୧(ଶରତ କୁମାର ଧଳ)




କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧିନ କୋଟିଆ ପଞ୍ଚାୟତରେ ରହିଥିବା ପାହାଡ଼ ଓ ଜଙ୍ଗଲରୁ ବାହାରୁଥିବା ବିଭିନ୍ନ ଦ୍ରବ୍ୟକୁ ସଂଗ୍ରହ କରିବା ସହ ବିକ୍ରି କରିବା ନେଇ ଆନ୍ଧ୍ରର ମାର୍କେଟ ସୋସାଇଟି ପକ୍ଷରୁ ଦର ନିର୍ଦ୍ଧାରିତ କରାଯାଇଛି। ପଞ୍ଚାୟତବାସୀ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରି ରୋଜଗାରକ୍ଷମ ହେବାକୁ ଦୃଷ୍ଟିରେ ରଖି ଆନ୍ଧ୍ର ରାଜ୍ୟର କୋପରେଟିଭ ମାର୍କେଟ ସୋସାଇଟି ପକ୍ଷରୁ ଗଞ୍ଜେଇ ପଦର, ଧୂଳିପଦର ଓ କୋଟିଆ ଆଦି ଗ୍ରାମରେ ବୈଠକ କରି ସଚେତନ କରାଯାଇଛି। ଏହି ପଞ୍ଚାୟତର ପାହାଡ଼ ଜଙ୍ଗଲରୁ ବାହାରୁଥିବା ତେନ୍ତୁଳି, ଝାଡୁ ଓ କରଞ୍ଜ ଆଦି ଜଙ୍ଗଲଜାତ ଦ୍ରବ୍ୟକୁ ବିଭିନ୍ନ ଗ୍ରାମବାସୀ ସଂଗ୍ରହ କରି ବଜାରରେ ବିକ୍ରି କରି ରୋଜଗାର କରିଥାନ୍ତି। ଜଙ୍ଗଲଜାତ ଦ୍ରବ୍ୟକୁ କେତେକ ଦଲାଲ ଗ୍ରାମରେ ଲୋକଙ୍କୁ ଉଚିତ ମୂଲ୍ୟ ନ ଦେଇ କମ୍ ଦରରେ କିଣି ନେଉଛନ୍ତି। ଏହିପରି ସମସ୍ୟାକୁ ଦୃଷ୍ଟିରେ ରଖି ଆନ୍ଧ୍ରର ଉକ୍ତ ସୋସାଇଟି ପକ୍ଷରୁ ମୂଲ୍ୟ ନିର୍ଦ୍ଧାରିତ କରି ବିକ୍ରି କରିବାକୁ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ କରି ବୁଝାଯାଇଛି। ସେପଟେ ଓଡ଼ିଶା ପକ୍ଷରୁ କୋଟିଆ ପଞ୍ଚାୟତରେ ସରକାରୀ ରେକର୍ଡ ଅନୁସାରେ ଲ୍ୟାମ୍ପ ଖୋଲା ଯାଇଥିଲେ ସୁଦ୍ଧା ସ୍ଥାୟୀ ଗୃହ ନ ଥିବାରୁ ନାମକୁମାତ୍ର ପଞ୍ଚାୟତର ଷ୍ଟଲ୍ ଗୃହ ଭଡ଼ାରେ ନିଆଯାଇ ଏକ ପ୍ରକାର ଦାୟିତ୍ୱ ହଟାଇ ଦିଆଯାଇଛି। ଏହାର ଲାଭ ବର୍ତ୍ତମାନ ଆନ୍ଧ୍ରର ଉକ୍ତ ସୋସାଇଟି ଉଠାଇବା ଆରମ୍ଭ କରିଛି। ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତରେ ଥିବା ଓଡ଼ିଶାର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଲ୍ୟାମ୍ପ ଗୃହ ନିର୍ମାଣ କରିବା ପାଇଁ ଜମି ଯୋଗାଇ ଦିଆଯାଇ ନ ଥିବା ବେଳେ ଏହି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ କରିବାକୁ ପଞ୍ଚାୟତବାସି ପଟ୍ଟାଙ୍ଗି ଲ୍ୟାମ୍ପ କାର୍ଯ୍ୟାଳୟରୁ ସୁବିଧା ଉଠାଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଆନ୍ଧ୍ର ପୂର୍ବରୁ ଆମେ ଦର ନିର୍ଦ୍ଧାରିତ କରି କୋରାପୁଟ ଉପଜିଲାପାଳଙ୍କୁ ଏକ ରିପୋର୍ଟ କରିଛୁ। ଆନ୍ଧ୍ର ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମ ଉପରେ ତଦନ୍ତ କରିବି ବୋଲି ସେ କହିଛନ୍ତି।

# କୀଟନାଶକ ମଶାରି ବଣ୍ଟନ

ବୋରିଗୁମ୍ମା,୨୩ା୧(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକସ୍ତରୀୟ ଦୀର୍ଘସ୍ଥାୟୀ କୀଟନାଶକ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ କୁମାର ଶତପଥୀ ଯୋଗ ଦେଇଥିଲେ। ଜିଲାରେ ମ୍ୟାଲେରିଆ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି କୀଟନାଶକ ମଶାରୀ ବଣ୍ଟନ କରାଯାଇଛି। ଲୋକେ ମଶାରୀ ବ୍ୟବହାର କରିବା ସହ ମ୍ୟାଲେରିଆରୁ ମୁକ୍ତି ପାଇବା ନେଇ ମେଡିକାଲ ଅଫିସର ଲୋକଙ୍କୁ ସଚେତନ କରିଥିଲେ। ସଚେତନତା ଅଭାବରୁ ମଶାରୀକୁ ଅପବ୍ୟବହାର କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ବାହିନୀପତି କହିଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ରାମ ଚନ୍ଦ୍ର ପାଢି, ବିଧାୟକ ପ୍ରତିନିଧି ଅଶୋକ ଗନ୍ତାୟତ, ବଣିଜ ସଂଘ ସଭାପତି ସୂର୍ଯ୍ୟ ଆଚରି, ରୋଗୀ କଲ୍ୟାଣ ସମିତି ସଦସ୍ୟ କୈଳାଶ ରଥ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡ.ପ୍ରବୀଣ କୁମାର ଦାସ, ବିପିଏମ୍ ସରୋଜ କୁମାର ମହାପାତ୍ର, ଦମୟନ୍ତୀ ମୁଦୁଲି, ଶ୍ରୀନିବାସ ରାଓ, ସବିତା ସାହୁ,ଗୋଲକ ବିହାରୀ ଚୌଧୁରୀ ଓ ଉର୍ମିଳା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କୀଟନାଶକ ମଶାରି ବଣ୍ଟନ କରୁଛନ୍ତି ।

# କାଗଜକଳ ଶ୍ରମିକମାନଙ୍କୁ ଆକ୍ରମଣ ଅଭିଯୋଗ

ଜୟପୁର,୨୩ା୧(ପବନ ପାଣିଗ୍ରାହୀ)

ସେବା କାଗଜକଳ ମୁଖ୍ୟ ଫାଟକ ନିକଟରେ ଧାରଣାରତ ବୃଦ୍ଧ ଶ୍ରମିକମାନଙ୍କୁ କାରଖାନାର ଅନ୍ୟ ୨ ୟୁନିଅନର କେତେକ ନେତା ଆକ୍ରମଣ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ୨ ୟୁନିଅନର କର୍ମକର୍ତ୍ତା ବୃଦ୍ଧ ଶ୍ରମିକମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ସେମାନଙ୍କୁ ଧକ୍କା ଦେବା ସହ ତାଙ୍କ ବ୍ୟାନର ଓ ପତାକା ଚିରି ଦେଇଥିବା ଅଭିଯୋଗ ହୋଇଛି। କମ୍ପାନୀ ମୁଖ୍ୟ ଫାଟକ ନିକଟରେ ନ ରହି ବାହାରେ ଠିଆ ହେବା ପାଇଁ ଧମକ ଦିଆଯାଇଛି। ଶ୍ରମିକ ମାନଙ୍କୁ ଦରମା ନ ଥିବା, ଠିକା ଶ୍ରମିକଙ୍କର ପିଏଫ୍ ଟଙ୍କା କାଟୁଥିଲେ ମଧ୍ୟ ଜମା କରାଯାଉ ନ ଥିବା, ମୃତ୍ୟୁ ହୋଇଥିବା କେତେକ ଅବସରପ୍ରାପ୍ତ ଶ୍ରମିକମାନଙ୍କ ପରିବାରକୁ ବକେୟା ଟଙ୍କା ଦିଆଯାଉ ନ ଥିବା ନେଇ ଶ୍ରମିକମାନେ ଧାରଣା କରୁଥିଲେ। ତେବେ କମ୍ପାନୀ ଲୋକଙ୍କ ଦ୍ୱାରା ମାଡ ମାରିଲେ ମଧ୍ୟ ଆମେ ପଛକୁ ହଟିବୁ ନାହିଁ ବୋଲି ବୃଦ୍ଧ ଶ୍ରମିକମାନେ କହିଛନ୍ତି। ୨ ୟୁନିଅନର ଅମନ ଉଜବୀନ ନାୟକ, ପ୍ରଦୀପ ରାୟ, ଅଭୟ ପ୍ରଧାନ ଓ ଉମା ପାଣିଗ୍ରାହୀଙ୍କ ବିରୋଧରେ ମାମଲା ରୁଜୁ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରାଯାଇଛି। ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି, ସୁବାଷ ବେହେରା, ଧ୍ରୁବ ବାରିକ, ଆର୍.କେ ମହାରଣା, ବସନ୍ତ ବେହେରା, ଭାସ୍କର ମିଶ୍ର ଓ ପ୍ରହଲ୍ଲାଦ ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ୟୁନିୟନ ପକ୍ଷରୁ ମଧ୍ୟ ଶ୍ରମିକନେତା ଓ ଅନ୍ୟମାନଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ଏ ନେଇ ୨୧/୨୫ ଓ ୨୨/୨୫ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ନୂତନ ବ୍ଲକ୍ ଗଠନ ନେଇ ୭ ପଞ୍ଚାୟତର ବୈଠକ


ବୈଠକରେ ଉପସ୍ଥିତ ସରପଞ୍ଚ,ଲୋକ ପ୍ରତିନିଧି ଓ ଅନ୍ୟମାନେ।

ଦାମନଯୋଡି,୨୩ା୧(ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡି ଶିଳ୍ପାଞ୍ଚଳର ସଦର ପଞ୍ଚାୟତ ମାଥାଲପୁଟକୁ ନୂତନ ବ୍ଲକ ଗଠନ ପାଇଁ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଦିବାସୀ ନେତା ତଥା ଲିଟିଗୁଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦାମୋଦର ଜାନିଙ୍କ ଅଧ୍ୟକ୍ଷତାରେ ମାଥାଲପୁଟ, ଲିଟିଗୁଡା,ଡୁମୁରିପଦର, ମରିଚମାଳ,ମୁଜାଙ୍ଗ, ବିଜାଘାଟି ଆଦି ପଞ୍ଚାୟତର ସରପଞ୍ଚ,ସମିତିସଭ୍ୟ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ସମସ୍ତ ପଞ୍ଚାୟତରେ ୪୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟରେ ଅଧିକାଂଶ ଗରିବ ଆଦିବାସୀ ଶ୍ରେଣୀର। ପାହାଡିଆ ଅଞ୍ଚଳ ହୋଇଥିବାରୁ ଗମନାଗମନ,ଶିକ୍ଷା,ସ୍ୱାସ୍ଥ୍ୟ ଓ ପାନୀୟଜଳ ଆଦି ଅନେକ ସମସ୍ୟା ରହିଛି। ମାଥାଲପୁଟ,ଲିଟିଗୁଡା,ଡୁମୁରିପଦର ଓ ମରିଚମାଳ ଆଦି ୪ ପଞ୍ଚାୟତ କୋରାପୁଟ ବ୍ଲକ୍ ଅଧିନରେ ରହିଛି। ବ୍ଲକ କାର୍ଯ୍ୟାଳୟରୁ ଉକ୍ତ ପଞ୍ଚାୟତର ଅଧିକାଂଶ ଗାଁ ୪୦-୫୦କି.ମି ଦୂରରେ ରହିଛି। ସେହିପରି ମୁଜାଙ୍ଗ ପଞ୍ଚାୟତ ୬୦କି.ମି ଦୂର ଦଶମନ୍ତପୁର ବ୍ଲକ୍ ଏବଂ ବିଜାଘାଟି ପଞ୍ଚାୟତ ୨୫କି.ମି ଦୂର ନାରାୟଣପାଟଣା ବ୍ଲକ୍ ଅଧିନରେ ରହିଛି। ଗ୍ରାମଗୁଡିକ ବ୍ଲକ୍ କାର୍ଯ୍ୟାଳୟରୁ ଦୂରରେ ଥିବାରୁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ତ ଅଞ୍ଚଳକୁ ନେଇ ଏକ ନୂତନ ବ୍ଲକ୍ ଗଠନ କରାଗଲେ ଦାମନଯୋଡି ଏବଂ ୮ ପଞ୍ଚାୟତର ୪୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସୁବିଧା ହେବା ସହ ବିକାଶ ହୋଇପାରିବ ବୋଲି ବୈଠକରେ କୁହାଯାଇଛି। ଏକ ଷ୍ଟାଣ୍ଡିଂ କମିଟି ଗଠନ କରାଯାଇ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଜାନି କହିଛନ୍ତି। ବୈଠକରେ ମାଥାଲପୁଟ ସରପଞ୍ଚ ରଞ୍ଜିତା ଗୁରୁନା, ଲିଟିଗୁଡା ସରପଞ୍ଚ ଅତ୍ରୁ ଜାନି, ମରିଚମାଳ ସରପଞ୍ଚ ଲକ୍ଷ୍ମୀ ମସ୍ତିପୁଟିଆ,ଡମୁ ପାଙ୍ଗି,ବିଜାଘାଟି ସରପଞ୍ଚ ଦିଲିବ ସିରିକା,ଡୁମୁରିପଦରରୁ ଅଭି ସାଉନ୍ତା,ମୁଜାଙ୍ଗରୁ ବ୍ରଜେନ୍ଦ୍ର ଭତ୍ରା,କଂଗ୍ରେସ ନେତା କୃଷ୍ଣ କୁଲଦୀପ,ବିଜେଡି ନେତା ରାମଚନ୍ଦ୍ର ପୁଜାରୀ,କ୍ଷୀରୋଦ ଚୌଧୁରୀ ଓ ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନେତାଜୀଙ୍କ ଜୀବନରୁ ଛାତ୍ରୀଛାତ୍ର ଶିକ୍ଷା ନେବା ଉଚିତ୍

ବୈପାରିଗୁଡ଼ା, ୨୩ା୧(କଳ୍ପତରୁ ମହାନ୍ତି)

ବୈପାରିଗୁଡ଼ାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପାଠାଗାରରେ ଏଆଇଡିଏସ୍‌ଓ ଛାତ୍ର ସଙ୍ଗଠନ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ସଙ୍ଗଠନର କୋରାପୁଟ ଜିଲା କମିଟି ସଭ୍ୟ କମ୍ରେଡ ଦେବରାଜ କମାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ କମିଟି ସଭ୍ୟ କମ୍ରେଡ଼ ପପୁନ ସାହୁ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ନେତାଜୀଙ୍କ ଜୀବନ ସଂଗ୍ରାମରୁ ଛାତ୍ରୀଛାତ୍ର ଶିକ୍ଷା ନେବା ଉଚିତ୍। ନୂତନ ଶିକ୍ଷାନୀତି ୨୦୨୦ ଶିକ୍ଷା ଓ ଛାତ୍ର ବିରୋଧୀ। ଏହା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯାନ୍ତ୍ରିକ ମାନସିକତା ସୃଷ୍ଟି କରିବ। ଏଭଳି ଶିକ୍ଷା ବ୍ୟବସ୍ଥାକୁ ବାତିଲ କରିବା ଉଚିତ୍ ବୋଲି ସେ ମତ ଦେଇଥିଲେ। ଯୁବ ସଙ୍ଗଠନ ଏଆଇଡିୱାଇଓ କୋରାପୁଟ ଜିଲା ଆବାହକ କମ୍ରେଡ୍ ରବୀନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ଅନ୍ୟତମ ବକ୍ତାଭାବେ ଏଆଇଡିଏସ୍‌ଓ କୋରାପୁଟ ଜିଲା ସମ୍ପାଦକ ଜଗନ୍ନାଥ ହରିଜନ ଓ ସଭାପତି ସୁରଜିତ ସ୍ୱାଇଁ ବକ୍ତବ୍ୟ ରଖିଥିଲେ। ପୂର୍ବରୁ ଆୟୋଜିତ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବୈପାରିଗୁଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲ କଲେଜ ର ଶତାଧିକ ଛାତ୍ରୀଛାତ୍ର, ଶିକ୍ଷକ, ଅଧ୍ୟାପକ, ଅଭିଭାବକ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନବୀନା ବାରିକ, ପ୍ରମିଳା ପୂଜାରୀ , ମଦନ ଗାଦବା, ମିଥୁଲା କଡଲି, ବାସନ୍ତୀ ଖରା, ଅମ୍ବିକା ଦଳେଇ, ରଘୁନାଥ କମାର ପରିଚାଳନା କରିଥିଲେ।


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

# ପାହାଡ଼ରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଲକ୍ଷ୍ମୀପୁର,୨୩ା୧(ଅନନ୍ତ ନାୟକ)

ଲକ୍ଷ୍ମୀପୁର ବ୍ଲକ୍ କାକିରିଗୁମା ରେଲୱେ ଷ୍ଟେଶନ ନିକଟସ୍ଥ କାଜୁ ପାହାଡ଼ରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ତୟାପୁଟ ପଞ୍ଚାୟତର ଉଷ୍ଣାଭଟା ଗ୍ରାମର ଦାସ ହିକ୍କାକାଙ୍କ ପୁଅ ଲବି ହିକ୍କକା(୩୫)। କାକିରିଗୁମା ଥାନା ଅଧିକାରୀ ଡମ୍ବରୁଧର ବତ୍ରିଆଙ୍କ ସହ କର୍ମଚାରୀ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ୧/୨୫ରେ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବ ବୋଲି ଥାନା ଅଧିକାରୀ ବାତ୍ରିଆ କହିଛନ୍ତି। ସୂଚନାଯୋଗ୍ୟ, ଲବି କଡ଼ିଙ୍ଗା ମାଳି ଖଣିରେ ଡ୍ରାଇଭର ଥିଲେ। ଖଣି ଅଞ୍ଚଳରୁ ପରିବହନକରି କାକିରିଗୁମ୍ମା ରେଲୱେ ଷ୍ଟେଶନ ନିକଟରେ ଅନ୍‌ଲୋଡ୍ କରୁଥିଲେ।

# ସିଆରପିଏଫ୍ ବାହିନୀର ଯୁବ ଭାରତ ଭ୍ରମଣ କାର୍ଯ୍ୟକ୍ରମ




ମାଲକାନଗିରି,୨୩ା୧(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ସିଆରପିଏଫ ବାହିନୀ କମାଣ୍ଡାଣ୍ଟ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ୧୬ତମ ଆଦିବାସୀ ଯୁବ ଭାରତ ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର, ଜଗଦଲପୁରଙ୍କ ମାଧ୍ୟମରେ ଏହାକୁ ଅନ୍ୟ ବିକଶିତ ରାଜ୍ୟକୁ ପଠାଇ ସେମାନଙ୍କୁ ସେଠାରେ ଥିବା ସଂସ୍କୃତି ଏବଂ ବିକାଶ ସହିତ ପରିଚିତ କରାଇବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଦିଆଯାଇଛି। ଯେଉଁଥିରେ ଦଶର ପ୍ରଗତିଶୀଳ କ୍ଷେତ୍ରର କାର୍ଯ୍ୟକଳାପ ଏବଂ ବିକାଶ ଉପରେ ତୀକ୍ଷ୍ଣ ନଜର ରଖିବାର ସୁଯୋଗ ପାଇବେ । ବର୍ତ୍ତମାନ ପର୍ଯ୍ୟନ୍ତ ୧୨୦ ଯୁବତୀ ଯୁବକ ବିଭିନ୍ନ ସ୍ଥାନକୁ ଯାତ୍ରା କରିଛନ୍ତି। ଯେଉଁଥିପାଇଁ ଯୁବତୀ ଯୁବକଙ୍କ ମଧ୍ୟରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି। ସିଆରପିଏଫ ଦ୍ୱିତୀୟ ବାହିନୀ ସୁକ୍‌ମା ଦ୍ୱାରା ନେହେରୁ ଯୁବ ସଂଗଠନ ଜଦଗଲପୁର ନେତୃତ୍ୱରେ ୨୫ରୁ ୩୧ ଜାନୁଆରୀ ପର୍ଯ୍ୟନ୍ତ ମୋଟ ୩୦ ଯୁବତୀ ଯୁବକ ରାଜସ୍ଥାନ ଜୟପୁରକୁ ଯାତ୍ରା ପାଇଁ ପଠାଯାଇଛି। ସୁକ୍‌ମା ଜିଲା ଅନ୍ତର୍ଗତ ଚନ୍ତାଗୁଫା, ଫୁଲବଗଡି, ଦ୍ରୋଣପାଲ, କେରଲପାଲ, ଇଞ୍ଜିରାମ, ଡବବାକୋଣ୍ଟା, ପୁଣପଲୀ, ଗୋଲାପାଲୀ ଓ ଗାଦିରସ ଗ୍ରାମର ଏହି ଯୁବକମାନେ ରାଜସ୍ଥାନ ଜୟପୁରର ବିକାଶକୁ ଦେଖିବା ପରେ ଉକ୍ତ ସ୍ଥାନରୁ ଫେରି ନିଜ ଅଞ୍ଚଳ ଲୋକଙ୍କ ସହିତ ଜଡିତ ସମସ୍ତ ପ୍ରକାରର ସୂଚନା ବଣ୍ଟି ପାରିବେ। ନିଜ ଅଞ୍ଚଳର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ । ଏହି ଅବସରରେ ସିଆରପିଏଫ ଦ୍ୱିତୀୟ ବାହିନୀ ମୁଖ୍ୟ ଚିକିତ୍ସାଧିକାରୀ ଡା.ପଙ୍କଜ କୁମାର, ଅନାମୀ ଶରଣ, ଡେପୁଟି କମାଣ୍ଡାଣ୍ଟ ଟି. ସାମସନ୍ ରାଜୁ ଓ କମାଣ୍ଡାଣ୍ଟ ରାଜେନ୍ଦ୍ର କୁମାର ସାହାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ଜୟପୁର, ୨୩ା୧(ପବନ ପାଣିଗ୍ରାହୀ)

ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଜୟପୁର ପିଆରପେଟା ତୃତୀୟ ଲାଇନର ସୁସ୍ମିତା ମୁଦୁଲି ୨୦୧୬ରେ ସେମିଳିଗୁଡା ଓସିସି ନଗରର ରାଜ କୁମାର ପାଣଙ୍କୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀ, ଶାଶୁ, ଶଶୁର ଓ ଦିଅର ମିଶି ୫ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ କହି ନିର୍ଯାତନା ଦେଉଥିଲେ। ଏ ନେଇ ସୁସ୍ମିତା ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ନେତାଜୀ ସୁଭାଷ ବୋଷ ଜୟନ୍ତୀ

କୋରାପୁଟ,୨୩ା୧(ଅମିତାଭ ବେହେରା)

କୋରାପୁଟ ମାଉସୀମା ମନ୍ଦିର ଛକରେ ଓ ବିଭିନ୍ନ ସ୍ଥାନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ବୋଷଙ୍କ ଭୂମିକା ଉପରେ ସ୍ମୃତିଚାରଣ କରିଥିଲେ। ଏଥିରେ ଜିଲାପାଳ ଭି.କୀର୍ତ୍ତିଭାସନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ତହସିଲଦାର ତଥା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସାହିଦ ସବୀର, ଉପଜିଲାପାଳ ପ୍ରେମ କୁମାର ହିଆଲ, ପୂର୍ବତନ ବିଧାୟକ ନିମାଇଁ ଚରଣ ସରକାର, ଲଳିତ ମୋହନ ପଟ୍ଟନାୟକ,ରୂପକ ତୁରୁକ ଓ ଭବାନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ଓ ଅନ୍ୟମାନେ ।

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ

ଜୟପୁର, ୨୩ା୧(ପବନ ପାଣିଗ୍ରାହୀ)

ଜୟପୁର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଓ ପରାକ୍ରମ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ମହିଳା ଏନ୍‌ସିସି କ୍ୟାଡେଟମାନେ ନେତାଜୀଙ୍କ ବୀର ସମର୍ପଣ ତ୍ୟାଗ ନେଇ ମତ ରଖିଥିଲେ। ସଭାକୁ ସିଟିଓ ସନ୍ତୋଷିନୀ ମୁଣ୍ଡା ପରିଚାଳନା କରିଥିଲେ। ଆସୋସିଏସନର ଜିଲା ସଭାପତି ଦେବେନ୍ଦ୍ର ବାହିନୀପତିଙ୍କ ଅଧ୍ୟକ୍ଷତାରେ ଜୟପୁର ଜୟନଗର ସୁବାସ ପାର୍କରେ ମଧ୍ୟ ପାଳନ କରାଯାଇଛି। ଏଥିରେ କାଉନସିଲର ଗୋପୀନାଥ ମହାନ୍ତି ଛାତ୍ରୀଛାତ୍ର ସ୍ଥାନୀୟ ବାସିନ୍ଦା ସହ ଆସୋସିଏସନ୍‌ର କନ୍ଦର୍ପ ପାଣିଗ୍ରାହୀ, ସୁଧିର ସାହୁ ଏବଂ ରାଜେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଖବରଦାତାଙ୍କ ପରଲୋକ



କୋରାପୁଟ,୨୩ା୧(ଅମିତାଭ ବେହେରା)

କୋରାପୁଟର ବରିଷ୍ଠ ଖବରଦାତା ଲକ୍ଷ୍ମୀପ୍ରସାଦ ରଥ(୬୩)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଜଣେ ପୂର୍ବତନ ବାୟୁସେନା ଅଧିକାରୀ ଥିଲେ। ଅବିଭକ୍ତ କୋରାପୁଟ ଜିଲାରେ ଏକ ୱେବ ଚ୍ୟାନେଲର ସମ୍ପାଦକ ଓ ବିଭିନ୍ନ ଦୈନିକ ଖବରକାଗଜରେ ଖବରଦାତା ଥିଲେ। ଅସୁସ୍ଥତା କାରଣରୁ ବୁଧବାର ରାତିରେ ୨ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। କୋରାପୁଟ ବିଧାୟକ ରଘୁରାମ ମାଛ ଓ ବହୁ ଖବରଦାତା ତାଙ୍କର ଶେଷ ଦର୍ଶନ କରିଛନ୍ତି।

# ଜିଲାପାଳଙ୍କ ତଳମିଟିଂ ପର୍ଯ୍ୟଟନସ୍ଥଳ ପରିଦର୍ଶନ

ଲକ୍ଷ୍ମୀପୁର,୨୩ା୧(ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ଗୌଡଗୁଡ଼ା ପଞ୍ଚାୟତର ତଳମିଟିଂ ପର୍ଯ୍ୟଟନସ୍ଥଳର ବିକାଶ ନେଇ ବୁଧବାର କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ ପରିଦର୍ଶନ କରିଥିଲେ। ଏଥିରେ ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର ଭୋଇ, ସହକାରୀ ଯନ୍ତ୍ରୀ ଏମ୍. ପାୱାନ୍‌କୁମାର, ଗୌଡଗୁଡ଼ା ସରପଞ୍ଚ ଭଗବତି ମୁଦୁଲି, ପୂର୍ବତନ ସରପଞ୍ଚ ଦାମ୍ବରୁଧର ମୁଦୁଲି,ଏଡିଓ ଶ୍ୟାମ ମାଝୀ ଓ ଜିଆରଏସ୍ ବିମ କାଡ୍ରକା ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟଟନସ୍ଥଳୀର ବିକାଶ ନେଇ ଆଲୋଚନା କରିଥିଲେ। ବହୁ ପର୍ଯ୍ୟଟକଙ୍କ ସମାଗମ ହେଉଥିବାରୁ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଆଲୋଚନା କରିବା ସହ ଜିଲାପାଳ ଏଥିପ୍ରତି ଗୁରୁତ୍ୱ ଦେଇଥିଲେ। ଜଙ୍ଗଲ ପାହାଡ଼ ଘେରା ରାସ୍ତା ନିର୍ମାଣ ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଆବଶ୍ୟକ ଭିତ୍ତି ଭୂମି ପ୍ରତିଷ୍ଠା ଓ ସମସ୍ତ ଆନୁସଙ୍ଗିକ ସୁବିଧା ଯୋଗାଇ ଦେବାକୁ ସେ ଦିଗରେ ଜିଲାପାଳ ବିଡିଓଙ୍କ ସାଥିରେ ଆଲୋଚନା କରିଥିଲେ। ତଳମିଟିଂ ଜଳପ୍ରପାତର ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ଦାଖଲ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିଶୀଘ୍ର ଏହାର ବିକାଶ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଡିଓ ଗୁରେଶ୍ୱର ଭୋଇ କହିଛନ୍ତି।



# ସରକାରୀ ସହାୟତା ଅପେକ୍ଷାରେ ସୁରେଶ

ସୁନାବେଡ଼ା,ସେମିଳିଗୁଡ଼ା,୨୩ା୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ଭିନ୍ନକ୍ଷମଙ୍କ ପାଇଁ ଅନେକ ସରକାରୀ ଯୋଜନା ରହିଥିବା ବେଳେ ତାହା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ସେମିଳିଗୁଡ଼ା ବ୍ଲକ୍ ପିତାଗୁଡା ପଞ୍ଚାୟତ ଅଧୀନ ଚୋରି ମାଳିପୁଟ ଗାଁର ଠାକୁର ନାୟକଙ୍କ ଦିବ୍ୟାଙ୍ଗ ପୁଅ ସୁରେଶ ନାୟକ(୨୨) ଜନ୍ମର ୩ ବର୍ଷର ପରେ ଚଲାବୁଲା କରିପାରିଲେ ନାହିଁ। ବହୁ ଚିକିତ୍ସା ପରେ ମଧ୍ୟ ସେ ବର୍ତ୍ତମାନ ୬୦ ପ୍ରତିଶତ ଭିନ୍ନକ୍ଷମ ଥିବା ସରକାରୀ ପ୍ରମାଣପତ୍ରରେ ଉଲ୍ଲେଖ ରହିଛି। କିନ୍ତୁ ସୁରେଶଙ୍କୁ ମାସିକ ଭତ୍ତା ପାଇଁ ଗାଁଠାରୁ ୧୦ କି.ମି. ଦୂର ସେମିଳିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ଯିବାକୁ ପଡୁଥିବାରୁ ସେ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେ ଗଣମାଧ୍ୟମ ଜରିଆରେ ସରକାର ତଥା ବ୍ଲକ୍ ପ୍ରଶାସନକୁ ପ୍ରତି ମାସର ଭତ୍ତା ତାଙ୍କ ନିକଟରେ ପହଞ୍ଚାଇବାକୁ ସେ ଅନୁରୋଧ କରିଛନ୍ତି। ହୁଇଲ ଚେୟାରରେ ଜୀବନ ବିତୁଥିବା ବେଳେ ତାହା ଭାଙ୍ଗିରୁଜି ଗଲାଣି। ସରକାରଙ୍କ ପକ୍ଷରୁ କୌଣସି ସହାୟତା କିମ୍ବା ହୁଇଲ ଚେୟାର ମିଳି ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ହୁଇଲ ଚେୟାର ପାଇଁ ପ୍ରଶାସନକୁ ଅବଗତକରି ବ୍ଲକ୍ କାର୍ଯ୍ୟାଳୟକୁ ଜଣାଇବା ସତ୍ତ୍ୱେ ଏଥିପ୍ରତି କର୍ଣ୍ଣପାତ କରାଯାଉ ନ ଥିବା ଠାକୁର କହିଛନ୍ତି। ଚାଷୀଘର ଓ ପୁଅ ସୁରେଶଙ୍କ ଦିନତମାମ ଯତ୍ନ ନେଇଥିବାରୁ ପ୍ରତିମାସରେ ବ୍ଲକ୍ ଯାଇ ଭତ୍ତା ଟଙ୍କା ଆଣିବା ସମ୍ଭବ ହୋଇପାରୁ ନାହିଁ।

## ହୁଇଲ ଚେୟାରରେ ବିତୁଛି ଜୀବନ

ଏ ସମ୍ପର୍କରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ(ବିଏସ୍‌ଏସ୍‌ଓ) ସୁରଭିଙ୍କୁ ପଚାରିବାରୁ ଭତ୍ତା ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବା କଥା, କିନ୍ତୁ ସେ ଟଙ୍କା ଗ୍ରହଣ କେମିତି କରୁଛନ୍ତି ସେଥିପ୍ରତି ଦୃଷ୍ଟିଦେବା ସହ ହୁଇଲ ଚେୟାର ନ ମିଳିବା ନେଇ ଅନୁଧ୍ୟାନ କରିବା ପରେ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

